Prepp
Your Personal Exams Guide

# OTET 2026 Paper 1 Question Paper PDF (Jul 05, 2026) (Set D)



ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ଫର୍ଦ୍ଦର ସଂପୃକ୍ତ ବୃତ୍ତଟିକୁ ନୀଳ / କଳା ବଲ୍ ପଏଣ୍ଟ କଲମ ଦ୍ୱାରା ସଂପୂର୍ଣ୍ଣ ଭାବେ କଳା/ନୀଳ କର ।

**Each question has four possible answers. Choose the correct answer from among them and darken the appropriate circle completely in the OMR Sheet with Blue / Black ball point pen.**

## ଶିଶୁ ବିକାଶ ଓ ଶିକ୍ଷାବିଜ୍ଞାନ

## CHILD DEVELOPMENT & PEDAGOGY

1. କେଉଁଟି ସୃଜନଶୀଳତା ବିକାଶରେ ସହାୟକ ?
   (A) ଗୋଟିଏ ବାକ୍ୟକୁ ଦଶଥର ଲେଖିବା
   (B) ଦଶଗୋଟି ମିଶାଣ କରିବା
   (C) ଗୋଟିଏ ବାକ୍ୟରେ ଥିବା ଅକ୍ଷରଗୁଡ଼ିକୁ ଗଣିବା
   (D) ଖଣ୍ଡେ କାଗଜର ବିବିଧ ବ୍ୟବହାର ଲେଖିବା

2. ଆଲ୍‌ବର୍ଟ ବାନ୍ଦୁରାଙ୍କ ଅନୁସାରେ ପିଲାମାନେ ଅନ୍ୟମାନଙ୍କୁ ଦେଖି ଅନେକ ଜିନିଷ ଶିଖନ୍ତି । ଏହି ପ୍ରକ୍ରିୟାକୁ କ'ଣ କୁହାଯାଏ ?
   (A) ଅନ୍ତର୍ଦୃଷ୍ଟି ଶିକ୍ଷଣ
   (B) ପର୍ଯ୍ୟବେକ୍ଷଣମୂଳକ ଶିକ୍ଷଣ
   (C) ଶାସ୍ତ୍ରୀୟ ଅନୁବନ୍ଧନ
   (D) କ୍ରିୟାଶୀଳ ଅନୁବନ୍ଧନ

3. ନିମ୍ନଲିଖିତ ଶ୍ରେଣୀଗୃହ ଅଭ୍ୟାସ ମଧ୍ୟରୁ କେଉଁଟି ଶ୍ରେଣୀଗୃହରେ 'ଅନ୍ତର୍ନିବେଶୀ ଶିକ୍ଷା'କୁ ସବୁଠାରୁ ଭଲ ଭାବରେ ପ୍ରୋତ୍ସାହିତ କରେ ?
   (A) ସମସ୍ତ ଶିକ୍ଷାର୍ଥୀଙ୍କ ଆବଶ୍ୟକତା ଅନୁଯାୟୀ ଶିକ୍ଷାଦାନ
   (B) ସମସ୍ତଙ୍କ ପାଇଁ ସମାନ ଶିକ୍ଷାଦାନ
   (C) କୃତି ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ
   (D) କିଛି ଶିକ୍ଷାର୍ଥୀଙ୍କୁ ପୃଥକ ଭାବରେ ଶିକ୍ଷାଦାନ

1. Which one is helpful in developing creativity ?
   (A) Writing a sentence ten times
   (B) Doing ten additions
   (C) Counting the alphabets in a sentence
   (D) Writing different uses of a piece of paper

2. According to Albert Bandura, children learn many things by watching others. This process is known as :
   (A) Insightful learning
   (B) Observational learning
   (C) Classical conditioning
   (D) Operant conditioning

3. Which of the following classroom practices best promotes inclusive education in the classroom ?
   (A) Teaching all learners as per their needs
   (B) Same teaching for everyone
   (C) Teaching for high achievers
   (D) Teaching some students separately

Prepp
Your Personal Exams Guide



4. ଜଣେ ଶିକ୍ଷକ ଶ୍ରେଣୀଗୃହରେ ଥିବା ବ୍ୟକ୍ତିଗତ ପାର୍ଥକ୍ୟକୁ କିପରି ସମାଧାନ କରିପାରିବେ ?

(A) ସମସ୍ତଙ୍କ ପାଇଁ ସମାନ ଶିକ୍ଷାଦାନ ଏବଂ ମୂଲ୍ୟାୟନ

(B) ନମ୍ବର ଅନୁଯାୟୀ ଶିକ୍ଷାର୍ଥୀଙ୍କୁ ଦଳରେ ବିଭକ୍ତ କରିବା

(C) କେବଳ ମେଧାବୀ ଶିକ୍ଷାର୍ଥୀଙ୍କ ଉପରେ ଧ୍ୟାନ ଦେବା

(D) ବିଭିନ୍ନ ଶିକ୍ଷାଦାନ ପଦ୍ଧତି ଏବଂ ମୂଲ୍ୟାୟନ ସାଧନୀ ବ୍ୟବହାର କରିବା

5. ନିମ୍ନଲିଖିତ ମଧ୍ୟରୁ କେଉଁ ଶିକ୍ଷଣ ସାମଗ୍ରୀଟି 'ଦୃଶ୍ୟ-ଶ୍ରାବ୍ୟ' ପ୍ରକୃତିର ଅଟେ ?

(A) ରେଡ଼ିଓ

(B) ମାନଚିତ୍ର

(C) ଟେଲିଭିଜନ୍

(D) କଳାପଟା

6. ଶିକ୍ଷାର୍ଥୀର ଶିକ୍ଷଣ କ୍ଷେତ୍ରରେ ଥିବା ଅସୁବିଧାଗୁଡ଼ିକୁ ଚିହ୍ନଟ କରି ପ୍ରତିକାରମୂଳକ ଶିକ୍ଷାଦାନ ପ୍ରଦାନ କରିବା ପାଇଁ ଜଣେ ଶିକ୍ଷକ ମୁଖ୍ୟତଃ କେଉଁ ପ୍ରକାରର ମୂଲ୍ୟାୟନ ବ୍ୟବହାର କରନ୍ତି ?

(A) ଗଠନମୂଳକ

(B) ନିଦାନାତ୍ମକ

(C) ବ୍ୟବସ୍ଥାନ

(D) ସମାପ୍ତିସୂଚକ

4. How can a teacher address individual differences in the classroom ?

(A) Same teaching and asessment for all

(B) Group students by marks

(C) Focus only on gifted students

(D) Use varied teaching methods and assessment tools

5. Which of the following materials is audio-visual in nature ?

(A) Radio

(B) Map

(C) Television

(D) Blackboard

6. Which type of evaluation is specifically used by a teacher to identify the learning gaps and difficulties of a student to provide remedial instruction ?

(A) Formative

(B) Diagnostic

(C) Placement

(D) Summative

Prepp
Your Personal Exams Gu



7. କେଉଁଟି ମୂଲ୍ୟାୟନର ସାଧନ ନୁହେଁ ?
   (A) ତନଖି ତାଲିକା
   (B) ନିର୍ଦ୍ଧାରଣ ମାପନୀ
   (C) ପ୍ରଗତି ପତ୍ର
   (D) ରୁବ୍ରିକ୍ସ

8. ପ୍ରବେଶିକା ପରୀକ୍ଷା କେଉଁ ପ୍ରକାରର ମୂଲ୍ୟାୟନ ?
   (A) ସମାପ୍ତିସୂଚକ
   (B) ନିଦାନାତ୍ମକ
   (C) ଗଠନ ମୂଳକ
   (D) ବ୍ୟବସ୍ଥାନ

9. କେଉଁଟି 'ଚିହ୍ନଟ ଆଧାରିତ ପରୀକ୍ଷା' ପ୍ରକାର ପ୍ରଶ୍ନ ନୁହେଁ ?
   (A) ସତ୍ୟାସତ୍ୟ
   (B) ବାକ୍ୟ ପୂର୍ତ୍ତି
   (C) ମେଳକ
   (D) ବହୁବିକଳ୍ପ

10. କେଉଁଟି ଦକ୍ଷତା ଭିତ୍ତିକ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସମ୍ପର୍କିତ ନୁହେଁ ?
   (A) ପାଠଟିକୁ କେତେଗୁଡ଼ିଏ ଛୋଟ ଛୋଟ ଏକକରେ ପ୍ରକାଶ କରାଯାଏ
   (B) ଦକ୍ଷତାଗୁଡ଼ିକୁ ସରଳରୁ ଜଟିଳ କ୍ରମାନ୍ୱୟରେ ସଜାଯାଇଥାଏ
   (C) ପ୍ରତ୍ୟେକ ଦକ୍ଷତା ପୂର୍ବ ଦକ୍ଷତା ଉପରେ ଆଧାରିତ
   (D) ସମସ୍ତ ଦକ୍ଷତା ଶିକ୍ଷାଦାନ ଓ ଶିକ୍ଷଣ କାର୍ଯ୍ୟ ଏକ ସଙ୍ଗେ କରାଯାଇଥାଏ

7. Which is not an assessment tool ?
   (A) Checklist
   (B) Rating scale
   (C) Progress card
   (D) Rubrics

8. What type of assessment is the entrance test ?
   (A) Summative
   (B) Diagnostic
   (C) Formative
   (D) Placement

9. Which is not a 'recognition type' test ?
   (A) True and False
   (B) Sentence completion
   (C) Matching
   (D) Multiple choice

10. Which one is not related to competency-based teaching-learning ?
   (A) A lesson is divided into smaller units
   (B) Competencies are arranged serially from simple to complex
   (C) Each competency is based on previous competency
   (D) Teaching-learning of all competencies is done simultaneously

11. କେଉଁ ପରୀକ୍ଷଣରୁ ଜଣେ ଶିକ୍ଷାର୍ଥୀ ଭବିଷ୍ୟତରେ କ'ଣ କରିପାରିବ ତାହାର ସୂଚନା ମିଳିଥାଏ ?

(A) ଉପଲବ୍ଧି ପରୀକ୍ଷଣ

(B) ଅଭିକ୍ଷମତା ପରୀକ୍ଷଣ

(C) ମାନକୀକୃତ ପରୀକ୍ଷଣ

(D) ଶିକ୍ଷକ କୃତ ପରୀକ୍ଷଣ

12. ସୃଜନଶୀଳ ଶିକ୍ଷାର୍ଥୀଙ୍କୁ ଚିହ୍ନିବା ପାଇଁ ଶିକ୍ଷକ କେଉଁ ପ୍ରକାରର ପ୍ରଶ୍ନ ପଚାରିବା ଉଚିତ ?

(A) ମୁକ୍ତ ଉତ୍ତର ମୂଳକ

(B) ନିର୍ଦ୍ଦିଷ୍ଟ ଉତ୍ତର ମୂଳକ

(C) ସମାପନ ମୂଳକ

(D) ମେଳକ

13. ପିତାମାତାଙ୍କ ଠାରୁ ସେମାନଙ୍କ ପିଲାମାନଙ୍କଠାରେ ପ୍ରବାହ କରୁଥିବା ଆନୁବଂଶିକ ଗୁଣର କାରକଟିକୁ କ'ଣ କୁହାଯାଏ ?

(A) ପରିବେଷ୍ଟନୀ

(B) ସଂସ୍କୃତି

(C) ବଂଶଗତ

(D) ସମାଜ

14. CWSN ର ପୂରା ନାମ ହେଉଛି :

(A) Children With School Notes

(B) Children With Social Nature

(C) Children With Study Needs

(D) Children With Special Needs

11. The information about what a learner can do in future, could be known from which type of test ?

(A) Achievement Test

(B) Aptitude Test

(C) Standardised Test

(D) Teacher made Test

12. What type of questions should the teacher ask to identify creative children ?

(A) Open ended

(B) Fixed response

(C) Completion type

(D) Matching

13. Which factor mainly refers to genetic traits passed from parents to children ?

(A) Environment

(B) Culture

(C) Heredity

(D) Society

14. CWSN stands for :

(A) Children With School Notes

(B) Children With Social Nature

(C) Children With Study Needs

(D) Children With Special Needs

15. ନିମ୍ନଲିଖିତ ମଧ୍ୟରୁ କେଉଁଟି 'ଗଠନମୂଳକ ମୂଲ୍ୟାୟନ'ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ?

(A) ଛାତ୍ରଛାତ୍ରୀଙ୍କ ସ୍ତର ନିରୂପଣ କରିବା

(B) ନିରନ୍ତର ପ୍ରତିପୋଷଣ ବା ପ୍ରତିପୁଷ୍ଟି ଦେବା

(C) ଗ୍ରେଡ୍ ପ୍ରଦାନ କରିବା

(D) ଅନ୍ତିମ ପରୀକ୍ଷା ପରିଚାଳନା କରିବା

16. କେଉଁ ପ୍ରକାର ପ୍ରଶ୍ନର ଉତ୍ତର ଅନୁମାନ କରି ଦେବାର ସମ୍ଭାବନା ସବୁଠାରୁ କମ୍ ?

(A) ମେଳକ ପ୍ରଶ୍ନ

(B) ହଁ / ନାଁ ପ୍ରଶ୍ନ

(C) ବହୁ ବିକଳ୍ପ ପ୍ରଶ୍ନ

(D) ଗୋଟିଏ ବାକ୍ୟରେ ଉତ୍ତର ଦେବା

17. କେଉଁଟି ଶିକ୍ଷାର୍ଥୀ-କେନ୍ଦ୍ରିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କିତ ନୁହେଁ ?

(A) ଶିକ୍ଷକ ଶିକ୍ଷଣର ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରନ୍ତି

(B) ଶିକ୍ଷକ ପ୍ରଦର୍ଶନ ମୂଳକ ପଦ୍ଧତିରେ ଶିକ୍ଷାଦାନ କରନ୍ତି ।

(C) ଶିଶୁ ଶିକ୍ଷଣ ପ୍ରକ୍ରିୟାର କେନ୍ଦ୍ରବିନ୍ଦୁ

(D) ଶିକ୍ଷଣ ଶିଶୁର ଅନୁଭୂତି ଉପରେ ଆଧାରିତ

15. Which of the following is the most important features of formative assessment ?

(A) Ranking students

(B) Continuous feedback

(C) Awarding Grades

(D) Conducting Final Exam

16. In what type of questions the possibility of guessing is the least ?

(A) Matching type

(B) Yes / No type

(C) Multiple choice

(D) Answering in a single sentence

17. Which is not related to the learner-centred education ?

(A) Teacher acts as a facilitator of learning

(B) Teacher teaches through demonstration method

(C) The child is the centre of learning

(D) Learning is based on child's experience

18. କେଉଁ ଶିକ୍ଷା ବ୍ୟବସ୍ଥାରେ ଉଭୟ ନିୟମିତ ଓ ସମ୍ବଳ ଶିକ୍ଷକ ଶିକ୍ଷାଦାନ କରିଥାନ୍ତି ?

(A) ସ୍ୱତନ୍ତ୍ର ଶିକ୍ଷା

(B) ଅନ୍ତର୍ନିବେଶୀ ଶିକ୍ଷା

(C) ସମନ୍ୱିତ ଶିକ୍ଷା

(D) ଅଣ ଆନୁଷ୍ଠାନିକ ଶିକ୍ଷା

19. ନିରବଚ୍ଛିନ୍ନ ଓ ସଂବ୍ୟାପକ ମୂଲ୍ୟାୟନର ଅର୍ଥ କ'ଣ ?

(A) କେବଳ ପରିସମାପ୍ତି ପରୀକ୍ଷାର ମୂଲ୍ୟାୟନ କରିବା

(B) କେବଳ ଲିଖିତ ପରୀକ୍ଷଣ

(C) ଶୈକ୍ଷିକ ଓ ସହଶୈକ୍ଷିକ ଶିକ୍ଷଣର ନିୟମିତ ମୂଲ୍ୟାୟନ କରିବା

(D) କେବଳ ମୌଖିକ ମୂଲ୍ୟାୟନ କରିବା

20. ସମଗ୍ର ଶିକ୍ଷା ଅନ୍ତର୍ଗତ, ସାମାଜିକ ଏବଂ ଆର୍ଥିକ ଅନଗ୍ରସର ବର୍ଗର ବାଳିକାମାନଙ୍କ ଶିକ୍ଷା ପାଇଁ ନିମ୍ନ ମଧ୍ୟରୁ କ'ଣ ସ୍ଥାପନା କରାଯାଇଛି ?

(A) OAV

(B) EMRS

(C) KGBV

(D) JNV

18. In which education system both regular and resource teachers impart teaching ?

(A) Special education

(B) Inclusive education

(C) Integrated education

(D) Non-formal education

19. Continuous and comprehensive assessment means :

(A) Only Summative assessment

(B) Only written test

(C) Regular assessment of scholastic and Co-scholastic learning

(D) Only oral test

20. Which of the followings is established for the education of girls of socially and economically disadvantaged group under Samagra Shiksha ?

(A) OAV

(B) EMRS

(C) KGBV

(D) JNV

21. କେଉଁ ସ୍ତରରୁ ବୃଦ୍ଧି ଆରମ୍ଭ ହୋଇଥାଏ ?

(A) ମାତୃ ଗର୍ଭାବସ୍ଥା

(B) ଜନ୍ମ ପରବର୍ତ୍ତୀ ଅବସ୍ଥା

(C) ଶୈଶବାବସ୍ଥା

(D) ପ୍ରାକ୍-ବାଲ୍ୟାବସ୍ଥା

22. କେଉଁ ବିଧିଟି ବୃଦ୍ଧି ଓ ବିକାଶ ସହିତ ସମ୍ପର୍କିତ ନୁହେଁ ?

(A) ସହଚର୍ଯ୍ୟ ବିଧି

(B) ନିରନ୍ତର ବିଧି

(C) ଏକୀକରଣ ବିଧି

(D) ପ୍ରଭେଦୀକରଣ ବିଧି

23. ଜଣେ ଶିଶୁ ସାଙ୍ଗମାନଙ୍କ ସହ ଖେଳିବା ସମୟରେ ନିୟମ ମାନିବାକୁ ମନାକରେ, କିନ୍ତୁ ଧୀରେ ଧୀରେ ସହଯୋଗ କରିବା ଶିଖିଯାଏ । ଏହି ପରିବର୍ତ୍ତନ କେଉଁ ବିକାଶକୁ ସୂଚିତ କରେ ?

(A) ଆବେଗିକ ସ୍ଥିରତା

(B) ନୈତିକ ଯୁକ୍ତି

(C) ସାମାଜିକ ପରିପକ୍ୱତା

(D) ଜ୍ଞାନାତ୍ମକ ଦକ୍ଷତା

24. ଶିକ୍ଷକ, ଶିକ୍ଷାର୍ଥୀଙ୍କ ମଧ୍ୟରେ ଉଚ୍ଚ ସ୍ତରୀୟ ଚିନ୍ତାଧାରାର ପ୍ରସାର କରିବାକୁ ଚାହାନ୍ତି । ଏଥିପାଇଁ ନିମ୍ନୋକ୍ତ ମଧ୍ୟରୁ କେଉଁ କୌଶଳଟି ସବୁଠାରୁ ପ୍ରଭାବଶାଳୀ ?

(A) ବାରମ୍ବାର ଅଭ୍ୟାସ କାର୍ଯ୍ୟ କରିବାକୁ ଦେବା

(B) ତଥ୍ୟଗୁଡ଼ିକୁ ମନେ ରଖିବା ପାଇଁ ଉତ୍ସାହିତ କରିବା

(C) ଅଧିକ ଗୃହକାର୍ଯ୍ୟ ଦେବା

(D) ଶିକ୍ଷାର୍ଥୀଙ୍କୁ ବୁଝାଇବାକୁ କହିବା

21. Growth starts from which stage ?

(A) Pre-natal

(B) Post-natal

(C) Infancy

(D) Early Childhood

22. Which principle is not associated with growth and development ?

(A) Priciple of Congruity

(B) Priciple of Continuity

(C) Principle of Integration

(D) Principle of Segregation

23. A child refuses to follow rules while playing games with peers but gradually learns co-operation. This change indicates development in :

(A) Emotional stability

(B) Moral reasoning

(C) Social Maturity

(D) Cognitive ability

24. A teacher wants to promote higher order thinking among students. Which strategy of the following is most effective ?

(A) Giving repeated practice exercises

(B) Encouraging memorisation of facts

(C) Increasing homework

(D) Asking students to explain

25. ଜ୍ଞାନାତ୍ମକ ବିକାଶ ପର୍ଯ୍ୟାୟଗୁଡ଼ିକର ପ୍ରବର୍ତ୍ତନ କେଉଁ ମନୋବିଜ୍ଞାନୀ କରିଥିଲେ ?

(A) ବି. ଏଫ୍. ସ୍କିନର

(B) ଜିନ୍ ପିଆଜେ

(C) ସିଗ୍‌ମଣ୍ଡ ଫ୍ରଏଡ୍

(D) ଇ. ଏଲ୍. ଥର୍ଣ୍ଡାଇକ୍

26. ଶିକ୍ଷାର୍ଥୀ ଗଣିତ ସମସ୍ୟାର ସମାଧାନ କରିବାରେ ଅସୁବିଧା ଅନୁଭବ କରୁଛି । ଶିକ୍ଷକ ସମ୍ପୂର୍ଣ୍ଣ ସମାଧାନ କରିବା ପରିବର୍ତ୍ତେ ଏକ ସାମାନ୍ୟ ସୂଚନା ପ୍ରଦାନ କଲେ । ଏହା କାହାର ଏକ ଉଦାହରଣ ଅଟେ ?

(A) ସ୍କାଫୋଲ୍ଡି

(B) ଅନୁବନ୍ଧନ

(C) ସୁଦୃଢ଼ୀକରଣ

(D) ମଡେଲିଂ

27. ବିକାଶର କେଉଁ ପର୍ଯ୍ୟାୟରେ ଶିଶୁର ଚିନ୍ତାଧାରା 'ଆତ୍ମ କେନ୍ଦ୍ରିକ' ହୋଇଥାଏ ?

(A) ଶୈଶବାବସ୍ଥା

(B) ଆଦ୍ୟ ବାଲ୍ୟାବସ୍ଥା

(C) କୈଶୋରାବସ୍ଥା

(D) ପରବର୍ତ୍ତୀ ବାଲ୍ୟାବସ୍ଥା

25. Which psychologist proposed the stages of cognitive development ?

(A) B. F. Skinner

(B) Jean Piaget

(C) Sigmund Freud

(D) E. L. Thorndike

26. A student is struggling to solve a mathematics problem. The teacher provides a hint rather than the full solution. This is an example of :

(A) Scaffolding

(B) Conditioning

(C) Reinforcement

(D) Modelling

27. At which stage of development, a child's thinking process is 'self-centred' ?

(A) Infancy

(B) Pre-childhood

(C) Adolescence

(D) Later childhood

28. ଶିକ୍ଷକ ଶ୍ରେଣୀରେ ଶିକ୍ଷାର୍ଥୀଙ୍କୁ ପ୍ରଶ୍ନ ପଚାରିବା, ନୂତନ ଚିନ୍ତାଧାରା ଅନୁସନ୍ଧାନ କରିବା ଏବଂ ଶିକ୍ଷଣ ସମୟରେ ପରସ୍ପର ସହ ସହଯୋଗ କରିବାକୁ ସୁଯୋଗ ଦେଇଥାନ୍ତି । ଏପରି ଶ୍ରେଣୀରେ ଶିକ୍ଷକଙ୍କ ଭୂମିକା ମୁଖ୍ୟତଃ କ'ଣ ?

(A) ଜ୍ଞାନ ପ୍ରଦାନକାରୀ

(B) ଶିକ୍ଷଣର ସହାୟକ

(C) ଶିକ୍ଷଣର କର୍ତ୍ତୃତ୍ୱବାଦୀ ନିୟନ୍ତ୍ରଣ

(D) ପ୍ରଦର୍ଶନ ମୂଲ୍ୟାୟନ କରୁଥିବା ପରୀକ୍ଷକ

29. ବହୁଶ୍ରେଣୀ ଶିକ୍ଷାଦାନ ପାଇଁ ନିମ୍ନୋକ୍ତ ମଧ୍ୟରୁ କେଉଁ କୌଶଳଟି ସବୁଠାରୁ ପ୍ରଭାବଶାଳୀ ?

(A) ପ୍ରତ୍ୟେକ ଶ୍ରେଣୀକୁ ପୃଥକ ଭାବରେ ପଢ଼ାଇବା

(B) ଦଳଗତ କାର୍ଯ୍ୟ ଏବଂ ସହପାଠୀ ଶିକ୍ଷଣ କୌଶଳ ବ୍ୟବହାର

(C) ସମସ୍ତ ଶିକ୍ଷାର୍ଥୀଙ୍କୁ ସମାନ କାର୍ଯ୍ୟ ଦେବା

(D) ଉପରଶ୍ରେଣୀ ଶିକ୍ଷାର୍ଥୀଙ୍କୁ ଚୁପ୍ ରହିବାକୁ କହିବା

30. ଶ୍ରେଣୀରେ କୌଣସି ବିଷୟ ବୁଝାଇବା ପାଇଁ ଚିତ୍ର ଓ ଚାର୍ଟ ବ୍ୟବହାର କରିବା କେଉଁ ପ୍ରକାର ସାମଗ୍ରୀର ବ୍ୟବହାର ଅଟେ ?

(A) ଶ୍ରାବ୍ୟ ଉପକରଣ

(B) ଦୃଶ୍ୟ-ଶ୍ରାବ୍ୟ ଉପକରଣ

(C) ଦୃଶ୍ୟ ଉପକରଣ

(D) କ୍ରିୟା ଉପକରଣ

28. Teacher allows students to ask questions, explore ideas and collaborate while learning. Which role does the teacher play in this classroom ?

(A) Knowledge transmitter

(B) Facilitator of learning

(C) Authoritarian to control learning

(D) Examiner to evaluate performance

29. Which strategy is most effective for multigrade teaching ?

(A) Teaching each grade separately

(B) Using group work and peer learning strategies

(C) Giving the same assignment to all students

(D) Asking senior students to remain silent

30. Which type of teaching material involves the use of pictures and charts to explain a topic in the classroom ?

(A) Auditory aids

(B) Audio-visual aids

(C) Visual aids

(D) Activity aids

# M. I. L. (ODIA)

**ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟିକୁ ପଢ଼ି (ନଂ. ୩୧ ରୁ ନଂ. ୩୫ ପର୍ଯ୍ୟନ୍ତ) ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :**

ସାମାଜିକ ଜୀବନରେ କ୍ରୀଡ଼ାର ଭୂମିକା ଏକାନ୍ତ ଉଲ୍ଲେଖଯୋଗ୍ୟ । କ୍ରୀଡ଼ା ମଣିଷକୁ କରେ କର୍ମଚଞ୍ଚଳ । ମଣିଷ ହୃଦୟରେ ସଞ୍ଚାର କରେ ଆନନ୍ଦର ଭାବଧାରା । ମଣିଷକୁ କରେ ପ୍ରାଣବନ୍ତ । ବ୍ୟକ୍ତିର ହୃଦୟରୁ ଦୂରେଇ ଦିଏ ନିର୍ବେଦତା ଓ ଜଡ଼ତା । ବ୍ୟକ୍ତିକୁ କରେ କର୍ମଠ ଏବଂ ସୁସ୍ଥ । ଯୁଗେ ଯୁଗେ କ୍ରୀଡ଼ାର ପ୍ରଭାବ ରହିଛି ଜୀବନରେ । ମହାଭାରତ ଯୁଗରେ କୌରବ ପାଣ୍ଡବଙ୍କ ମଧ୍ୟରେ ନାନାଦି କ୍ରୀଡ଼ା ହୋଇଥିବାର ପ୍ରମାଣ ମିଳିଥାଏ । ସାମାଜିକ ଜୀବନରେ ବିଭିନ୍ନ କ୍ରୀଡ଼ା ଏବେ ମଧ୍ୟ ଅପ୍ରତିହତ ପ୍ରଭାବ ପକାଇଥାଏ ।

ଶରୀର ଉପରେ କ୍ରୀଡ଼ାର ପ୍ରଭାବ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଯେଉଁ ବ୍ୟକ୍ତି ନିୟମିତ ଭାବରେ ଖେଳେ ସେ ବ୍ୟକ୍ତିର ଶରୀର ସୁସ୍ଥ ଓ ସବଳ ହୁଏ । ସେ ନୀରୋଗ ଜୀବନଯାପନ କରେ । କ୍ରୀଡ଼ା ସାଧାରଣତଃ ଦୁଇ ପ୍ରକାର; ଗୋଟିଏ ଘରେ ବା କୌଣସି ଆବଦ୍ଧ ପରିବେଶରେ ବସି ଖେଳିବା (Indoor games), ଅନ୍ୟଟି ବାହାରେ, ଖୋଲା ଜାଗାରେ ଶାରୀରିକ ଶ୍ରମ ସହକାରେ ଖେଳ (outdoor games) । ଉଭୟଖେଳର ଉପାଦେୟତା ଅଛି । ବସିବା ଖେଳ ମଧ୍ୟରେ ତାସ୍, ପାଲି, ଚେସ୍, ଲୁଡୁ, ଇତ୍ୟାଦି ଗଣ୍ୟ ହୋଇଥାଏ । ଭାରତରେ ପାଲି ଖେଳକୁ ଯେପରି ପରମ୍ପରା ପ୍ରସୂତ ସାମନ୍ତବାଦୀ ଖେଳ ଭାବରେ ଗ୍ରହଣ କରାଯାଇଥାଏ ପାଶ୍ଚାତ୍ୟ ଦେଶରେ ସେହିଭଳି ଚେସ୍ ଖେଳକୁ ସମ୍ମାନଜନକ ଖେଳ ଭାବରେ ଗ୍ରହଣ କରାଯାଇଥାଏ । ଆଜି ଆମେ ପାଶ୍ଚାତ୍ୟ ସଭ୍ୟତ ମନୋଭାବସମ୍ପନ୍ନ ବ୍ୟକ୍ତିମାନେ ଭାରତର ଖେଳ ପଦ୍ଧତିକୁ ପରିତ୍ୟାଗ କରି ବିଦେଶୀ ଖେଳ ପଦ୍ଧତିକୁ ଗ୍ରହଣ କରି ନିଜକୁ କୃତକୃତ୍ୟ ମନେ କରୁଅଛୁ । ବସିବା ଖେଳରେ ଶାରୀରିକ ପରିଶ୍ରମ ନ ହେଲେ ମଧ୍ୟ ମାନସିକ ପରିଶ୍ରମ ହୋଇଥାଏ । ସେହିଭଳି ଶାରୀରିକ ଖେଳ ବିଭିନ୍ନ ପ୍ରକାର-କ୍ରିକେଟ୍, ଭଲି, ଫୁଟ୍‌ବଲ୍, ବ୍ୟାଡ଼ମିଣ୍ଟନ, କବାଡ଼ି, ବାଗୁଡ଼ ଇତ୍ୟାଦି ନାନାପ୍ରକାର ଏହି ଖେଳର ଅନ୍ତର୍ଭୁକ୍ତ ।

31. କ୍ରୀଡ଼ା କ'ଣ କରି ନଥାଏ ?

(A) କର୍ମଚଞ୍ଚଳ

(B) ପ୍ରାଣବନ୍ତ

(C) ଆନନ୍ଦର ସଂଚାର

(D) ଜଡ଼

32. କେଉଁ ଖେଳକୁ ଭାରତରେ ପାରମ୍ପରିକ ସାମନ୍ତବାଦୀ ଖେଳରୂପେ ବିଚାର କରାଯାଏ ?

(A) ଚେସ୍

(B) ଲୁଡୁ

(C) ତାସ୍

(D) ପାଲି

33. କେଉଁଟି ବିଶେଷଭାବରେ ଉଲ୍ଲେଖଯୋଗ୍ୟ ବୋଲି କୁହାଯାଇଛି ?

(A) ମନ ଉପରେ କ୍ରୀଡ଼ାର ପ୍ରଭାବ

(B) ବ୍ୟକ୍ତି ଉପରେ କ୍ରୀଡ଼ାର ପ୍ରଭାବ

(C) ସମାଜ ଉପରେ କ୍ରୀଡ଼ାର ପ୍ରଭାବ

(D) ଶରୀର ଉପରେ କ୍ରୀଡ଼ାର ପ୍ରଭାବ

34. ଆଜି ପାଶ୍ଚାତ୍ୟ ସଭ୍ୟତା ମନୋଭାବସମ୍ପନ୍ନ ବ୍ୟକ୍ତିମାନେ କାହିଁକି ନିଜକୁ କୃତକୃତ୍ୟ ମନେ କରୁଛନ୍ତି ?

(A) ଖେଳରେ ଜୟଯୁକ୍ତ ହେବାରୁ

(B) ଦେଶୀୟ ଖେଳକୁ ସମ୍ମାନ ଦେବାରୁ

(C) ବିଦେଶୀ ଖେଳକୁ ଆଦରିଥିବାରୁ

(D) ଖେଳରୁ ଅର୍ଥଉପାର୍ଜନ ହେବାରୁ

35. 'କବାଡ଼ି' କି ପ୍ରକାର ଖେଳ ?

(A) ଶାରୀରିକ

(B) ଶୈକ୍ଷିକ

(C) ମାନସିକ

(D) ମନୋରଂଜନଧର୍ମୀ

36. ଶ୍ରୁ + ଅନ = କେଉଁ କୃଦନ୍ତ ପଦଟି ନିଷ୍ପନ୍ନ ହେବ ବାଛ :

(A) ଶ୍ରାବଣ

(B) ଶ୍ରବଣୀୟ

(C) ଶ୍ରବଣ

(D) ଶ୍ରବନ

37. କେଉଁଟି 'ହାତୀ' ର ପ୍ରତିଶବ୍ଦ ନୁହେଁ ?

(A) ତୁରଙ୍ଗ

(B) ମାତଙ୍ଗ

(C) କୁଞ୍ଜର

(D) ଦ୍ୱିରଦ

38. ମାତୃଭାଷାରେ ଅତିରିକ୍ତ ସାହିତ୍ୟ ଶିକ୍ଷାଦାନ କାହିଁକି ଆବଶ୍ୟକ ?

(A) ବିଷୟବସ୍ତୁର ସାରକଥା ଓ ମୂଲ୍ୟବୋଧ ଜାଣିବା

(B) ବ୍ୟାବହାରିକ ବ୍ୟାକରଣ ଓ ବୋଧଶକ୍ତି ସମ୍ବନ୍ଧରେ ଅବଗତ ହେବା

(C) କଠିନ ଶବ୍ଦର ସ୍ପଷ୍ଟୀକରଣ ଓ ଶବ୍ଦାନୁଶୀଳନ କରିବା

(D) ସୌନ୍ଦର୍ଯ୍ୟବୋଧର ବିକାଶ କରିବା

39. କେଉଁଟି ପଦ୍ୟ ଶିକ୍ଷାଦାନର ଉଦ୍ଦେଶ୍ୟ ସଂପର୍କିତ ନୁହେଁ ?

(A) କବିମନର ଆବେଗ, ଚିନ୍ତା ଓ ଅନୁଭୂତି ସଂପର୍କରେ ଧାରଣା କରିବା

(B) ଲେଖକ-ପ୍ରାବନ୍ଧିକଙ୍କ ସଂପର୍କରେ ଅଧିକ ଜାଣିବାପାଇଁ ଉତ୍ସାହିତ କରିବା

(C) କବିତାର ସୌନ୍ଦର୍ଯ୍ୟବୋଧକୁ ଅନୁଭବକୁ ଆଣିବା

(D) ଅଧିକରୁ ଅଧିକ କବିତା ପଢ଼ିବା ପାଇଁ ଉତ୍ସାହ ସୃଷ୍ଟି କରିବା

40. ନିମ୍ନୋକ୍ତ ମଧ୍ୟରୁ କେଉଁଟି ବିଶେଷ୍ୟ ପଦ ନୁହେଁ ?

(A) ନଦୀ

(B) ଦଶରଥ

(C) ସୁନା

(D) ସାହସୀ

41. କେଉଁ ପଦ୍ଧତି ଅନୁସାରେ ଅକ୍ଷରଗୁଡ଼ିକୁ କ୍ରମାନୁସାରେ ପଢ଼ିବା ପାଇଁ ଶିକ୍ଷା ଦିଆଯାଏ ?

(A) ଶବ୍ଦ କ୍ରମିକ ପଦ୍ଧତି

(B) ବର୍ଣ୍ଣାନୁକ୍ରମିକ ପଦ୍ଧତି

(C) ଛବି ପଠନ ପଦ୍ଧତି

(D) ବାକ୍ୟ ଗଠନ ପଦ୍ଧତି

42. ପିଲାର ସ୍ୱାଧୀନ ଚିନ୍ତାଶକ୍ତି ପ୍ରକାଶ କରିବାର ସର୍ବାଧିକ ସୁଯୋଗ କେଉଁ ପ୍ରକାର ଲିଖନରେ ଥାଏ ?

(A) ସୂଚନାତ୍ମକ

(B) ଶ୍ରୁତ

(C) ମୁକ୍ତ

(D) ଦୃଷ୍ଟ

43. ଭାଷାଶିକ୍ଷାର ଚାରିସ୍ତମ୍ଭ ମଧ୍ୟରୁ କେଉଁ ଶିକ୍ଷାକୁ ପ୍ରଥମ ସ୍ତମ୍ଭ ବୋଲି କୁହାଯାଏ ?

(A) ପଠନ

(B) ଶ୍ରବଣ

(C) କଥନ

(D) ଲିଖନ

44. କୌଣସି ପ୍ରସଙ୍ଗର ଆଲୋଚନା ଶେଷରେ ଯେଉଁ ମୂଲ୍ୟାୟନ ହୁଏ, ତାକୁ କ'ଣ କୁହାଯାଏ ?

(A) ସମନ୍ୱୟୀ ଦକ୍ଷତା ମୂଲ୍ୟାୟନ

(B) ସାମଗ୍ରିକ ମୂଲ୍ୟାୟନ

(C) ଗଠନମୂଳକ ମୂଲ୍ୟାୟନ

(D) ପୋର୍ଟଫୋଲିଓ ମୂଲ୍ୟାୟନ

45. କେଉଁଟି ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନର ଅନ୍ତର୍ଗତ ନୁହେଁ ?

(A) ଦୃଷ୍ଟାନ୍ତ ମୂଳକ ପ୍ରଶ୍ନ

(B) ମେଳକ ପ୍ରଶ୍ନ

(C) ସତ୍ୟାସତ୍ୟ ପ୍ରଶ୍ନ

(D) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

46. କେଉଁଟି 'ଅନୁଗ୍ରହ' ର ବିପରୀତ ଅର୍ଥବୋଧକ ଶବ୍ଦ ?

(A) ବିଗ୍ରହ

(B) ସାନୁଗ୍ରହ

(C) ନିଗ୍ରହ

(D) ସାଗ୍ରହ

47. 'ଅତିଦୁଷ୍ଟ' ଅର୍ଥ ବୁଝାଉଥିବା ରୂଢ଼ିଟିକୁ ବାଛ ?

(A) ନାଟର ଗୋବର୍ଦ୍ଧନ

(B) ବଣବିନ୍ଧୁଆଡି

(C) ଅହି ନକୁଳ ସଂପର୍କ

(D) ଗୋବର ଗଣେଶ

48. ଏଥିମଧ୍ୟରୁ କେଉଁଟି ସଂଯୋଜକ ଅବ୍ୟୟ ନିର୍ଣ୍ଣୟ କର :

(A) ଏବଂ

(B) ପର୍ଯ୍ୟନ୍ତ

(C) ନତୁବା

(D) ଯଦ୍ୟପି

49. 'ପ୍ରତିମୂର୍ତ୍ତି' — ଏଥିରେ ଥିବା 'ପ୍ରତି' ଉପସର୍ଗଟି କେଉଁ ଅର୍ଥରେ ବ୍ୟବହୃତ ହୋଇଛି ?

(A) ସାଦୃଶ୍ୟ

(B) ସୁନ୍ଦର

(C) ସହିତ

(D) ଶ୍ରେଷ୍ଠ

50. ପୋର୍ଟଫୋଲିଓ ମୂଲ୍ୟାଙ୍କନ କେଉଁ ପ୍ରକାର ମୂଲ୍ୟାୟନରେ ବ୍ୟବହାର କରାଯାଏ ?

(A) ସମନ୍ୱୟୀ କ୍ଷମତା

(B) ଗଠନ ମୂଳକ

(C) ସମାପ୍ତି ସୂଚକ

(D) ନିଦାନାତ୍ମକ

Prepp
Your Personal Exams Guide



51. ସର୍ବେ ହୋଇଣ ସନ୍ମୁଖ, ଡାକିଲେ ନାରାୟଣ ରଖ । — ରେଖାଙ୍କିତ ଅଂଶଟି କେଉଁ ପଦ ?

(A) ବିଶେଷ୍ୟ

(B) ବିଶେଷଣ

(C) ଅବ୍ୟୟ

(D) ସର୍ବନାମ

52. 'ଛାତିକି ପଥର କରିବା' — ଏ ରୂଢ଼ିର ଅର୍ଥ କ'ଣ ?

(A) ଘନିଷ୍ଠ ବନ୍ଧୁ ହେବା

(B) ତିକ୍ତ ସଂପର୍କ ରଖିବା

(C) ଧୈର୍ଯ୍ୟ ଧରିବା

(D) ଅସ୍ଥିର ସ୍ୱଭାବ

53. ସାଧାରଣତଃ ମାତୃଭାଷା କାହାକୁ କୁହାଯାଏ ?

(A) ସ୍ଥାନୀୟ ଲୋକେ ବ୍ୟବହାର କରୁଥିବା ଭାଷା

(B) ପାଠ୍ୟ ପୁସ୍ତକର ଭାଷା

(C) ମା' କୋଳରୁ ଶିଖିଥିବା ଭାଷା

(D) ବିଦ୍ୟାଳୟରେ ପଢ଼ାଯାଉଥିବା ଭାଷା

54. ବୋଧଶକ୍ତିର ବିକାଶ ପାଇଁ ଯେଉଁ ପଠନ କରାଯାଏ ତାହାକୁ କ'ଣ କୁହାଯାଏ ?

(A) ବ୍ୟାପକ ପଠନ

(B) ତାତ୍ତ୍ୱିକ ପଠନ

(C) ସରବ ପଠନ

(D) ଦ୍ରୁତ ପଠନ

55. ପରମ ଦୟାଳୁ ଈଶ୍ୱର ତୁମର ମଙ୍ଗଳ କରନ୍ତୁ । — ରେଖାଙ୍କିତ ପଦଟି କେଉଁ ପ୍ରକାର ବିଶେଷଣ ?

(A) ବିଶେଷଣର ବିଶେଷଣ

(B) କ୍ରିୟା ବିଶେଷଣ

(C) ତୁଳନାତ୍ମକ ବିଶେଷଣ

(D) ବିଧେୟ ବିଶେଷଣ

**ନିମ୍ନ ପ୍ରଦତ୍ତ କବିତାଂଶଟି ପାଠକରି ତଳେ ଦିଆଯାଉଥିବା ପ୍ରଶ୍ନ (ନଂ. ୫୬ ରୁ ନଂ. ୬୦) ଗୁଡ଼ିକର ଉତ୍ତର ବାଛ :**

ଧୂଳିଘର ଛାଡ଼ି ଏପଥେ ଚଳଇ ଶାଶୁଘର ଗାଆଁ ଝିଅ
ମାଆର ପଣତେ ବନ୍ୟା ରଚଇ ଅମାନିଆଁ ଆଖି ଲୁହ,
ଏପଥର ସ୍ମୃତି ଚେତନା ଲେଖଇ
ସେ କେଉଁ ଜନମ କଥା,
ଛାତି ଫାଟିଯାଏ କ୍ରନ୍ଦନେ ତାର
ବିଧାତା କିପାଇଁ ଏ ବିଧାନ କଲା କୁହ ? ।
ଶ୍ୟାମ ପ୍ରାନ୍ତରେ ଉଲଗ୍ନ ଶିଶୁ ସମ
ଏପଥ ଘୁମାଏ, ନୀଳନଭେ ଯଥା ଛାୟା ପଥ ମନୋରମ,

ଗ୍ରାମ ଝରଣାରେ

ଲଙ୍ଘି ଏ ପଥ

ସରଗ ସୀମାକୁ ଧାଏଁ

ସନ୍ୟାସୀ ସେ କି ବିତରି କରୁଣା ଧନ ।

ବନ୍ଦନା ତତେ କରଇରେ ଗ୍ରାମ ପଥ

ବାଳକ ବେଳର ହେ ମୋର ପ୍ରିୟ ସାଥୀ

ଅୟୁତ ଦଣ୍ଡବତ,

ତରୁଣ ଦିନର

କେଳିକୁଞ୍ଜ ତୋ

ତନୁକର୍ପୂର ରେଣୁ

ତୋର ବେଣୁବନ ବିତାନେ ମୁଁ ଆଜି

କ୍ଳାନ୍ତ ଦିବସ ଯାପନରେ ଉପଗତ ।

ଭିକ୍ଷାଶୀ ପ୍ରାଣ ପୀଡେ ମତେ ଅହରହ

ପାଥେୟ-ବିହୀନ ପଥିକ ମୁଁ ମଣେ ଯାତ୍ରା ଏ ଦୁର୍ବହ

ଖଇ ଓ ଦୂଳାରେ ଶୁଭ୍ର କରି ତୋ ତନୁ

ରାମ ନାମ ସତ ମନ୍ତ୍ରେ ଚଳିବି

ତୋ ତୀର ଶମଶାନେ

କେବେ କହ, କେବେ କହ ? ।

56. ବିଧାତା କେଉଁ ବିଧାନ କରିଛନ୍ତି ବୋଲି କବି କହିଛନ୍ତି ?

(A) ଧୂଳିଘର ଛାଡ଼ିବା

(B) ଆଖିର ଲୁହ ଅମାନିଆ ହେବା

(C) ଝିଅର ଶାଶୁଘର ଯିବା

(D) କାନ୍ଦରେ ଛାତି ଫାଟିଯିବା

57. ଘାସ ପଡ଼ିଆରେ ଗାଁ-ବାଟ କିପରି ଶୋଭାପାଉଛି ?

(A) ନିର୍ଲୋଭ ସନ୍ୟାସୀ ପରି

(B) ନୀଳ ଆକାଶର ଛାୟାପଥ ପରି

(C) ଝରଣା ପରି

(D) ଦିଗ୍‌ବଳୟ ପରି

58. କବି କାହାକୁ ଉଲଗ୍ନ ଶିଶୁପରି ବିଚାର କରିଛନ୍ତି ?

(A) ଗ୍ରାମ ଝରଣାକୁ

(B) ସରଗ ସୀମାକୁ

(C) ଗ୍ରାମପଥକୁ

(D) ସନ୍ୟାସୀକୁ

59. 'ବେଣୁବନ' କହିଲେ କ'ଣ ବୁଝ ?

(A) ବେତବଣ

(B) ବାଉଁଶବଣ

(C) ଘଞ୍ଚ ଜଙ୍ଗଲ

(D) ନିଃସଂଗ ସ୍ଥାନ

60. ବୟସର ଅପରାହ୍ଣରେ କବିଙ୍କ ଜୀବନଯାତ୍ରା କିପରି ମନେ ହୋଇଛି ?

(A) କଷ୍ଟକର

(B) ଆନନ୍ଦ ଦାୟକ

(C) ସୁଖକର

(D) ବିରକ୍ତି କର

Prepp
Your Personal Exams Guide



## L – ENGLISH

61. I'm so tired. ________ to bed for a rest.
    (A) will go
    (B) shall go
    (C) am going
    (D) would go

62. Lots of information on war ________ available on TV.
    (A) has
    (B) is
    (C) are
    (D) have

63. He watched the kite ________ in the sky.
    (A) rise
    (B) to rise
    (C) risen
    (D) rises

64. He saw a ________ boy.
    (A) dark, handsome, tall
    (B) handsome, tall, dark
    (C) tall, handsome, dark
    (D) tall, dark, handsome

65. I have been living in Rourkela ________ 1999.
    (A) from
    (B) for
    (C) since
    (D) in

66. The campaign is intended ________ educate the public to respect the environment.
    (A) of
    (B) in
    (C) to
    (D) with

67. I feel that people present here are ________.
    (A) disappoint
    (B) disappoints
    (C) disappointed
    (D) disappointable

68. The manager and the orator ________ invited to the function.
    (A) was
    (B) is
    (C) has been
    (D) have been

Prepp
Your Personal Exams Guide



69. Mohit __________ the 'Student of the Year' award last year.

(A) wins

(B) won

(C) has won

(D) had won

70. Smoking in public place is prohibited. The underlined word in the sentence is ________.

(A) a verb

(B) a noun

(C) an adjective

(D) an adverb

71. English is considered to be a 'window to the world' in educational policy because :

(A) It is the easiest language to learn in the schools and colleges

(B) It is a western language and used everywhere

(C) It provides access to modern knowledge in science, technology and medicine

(D) It is a rich language with a vast vocabulary

72. Learners use 'Note-taking' skills mainly at the time of ________

(A) reading texts

(B) listening to something

(C) writing an essay

(D) speaking in a meeting

73. All the numbers, on a four-lined hand-writing paper, are written in ________.

(A) upper two lines

(B) upper three lines

(C) lower three lines

(D) middle two lines

74. Dialogue is useful for developing competence in ________.

(A) Reading

(B) Listening

(C) Speaking

(D) Listening and speaking

75. Which letter in the word, 'climb' is not pronounced ?

(A) c

(B) l

(C) m

(D) b

76. Which are considered to be the secondary skills in a language ?

(A) Listening and speaking

(B) Speaking and reading

(C) Listening and writing

(D) Reading and writing

77. The teacher asks learners to rearrange the jumbled letters to find meaningful words :

Example – (i) neplic (ii) ifhs (iii) okbo etc.

The purpose of this task is to test the ________ skill of the learners.

(A) spelling

(B) use of word

(C) comprehension

(D) grammar

78. Which of the following is related to the skill of writing ?

(A) Eye habit

(B) Spacing

(C) Phonetics

(D) Scanning

79. Reading stories, novels, plays facilitates ________ reading.

(A) shadow

(B) close

(C) intensive

(D) extensive

80. Collecting and ordering ideas, drafting and editing along with revising are the important steps of ________.

(A) reading

(B) listening

(C) speaking

(D) writing

**Read the passage carefully and answer the following questions (from Q. Nos. 81 to 85) choosing the correct alternatives given :**

Tourists to Jammu and Kashmir have another attraction – a floating post office on the Dal Lake in Srinagar, the first in the country. Floating Post Office, Dal Lake, claimed to be the only one such post office in the world – is built on an intricately carved maroon house boat, fastened on the western edge of the Dal Lake.

This post office lets you avail of all the regular postal services available in the country while being afloat. The seal used on everything posted from 'Floated Post Office' is unique – alongwith the date and address. It bears the design of a boat man rowing a Shikara on the Dal Lake. The special feature of this post office is that letters posted from here carry a special

Prepp
Your Personal Exams Guide



design which has the picturesque scenery of Dal Lake and Srinagar City. These pictures reach wherever these letters are posted to and hence promote Kashmir as a tourist destination accross the world.

This is actually a heritage post office that has existed since British times. It was called Nehru Park Post Office before 2011. But after that the Chief Post Master John Samuel renamed it as 'Floating Post Office'.

81. This passage is about ________.

(A) the tourists to Jammu and Kashmir

(B) the floating post office on the Dal Lake

(C) the beauty of Srinagar

(D) the western edge of the Dal Lake

82. The seal used in the floating post office is unique because ________

(A) it bears the design of a boat-man rowing a Shikara

(B) it is used only by the local people of Srinagar

(C) it does not bear the date and address on it

(D) it is available through out the country

83. Before 2011, this post office was called ________.

(A) Nehru Park Post Office

(B) Nehru Post Office

(C) Floating Post Office

(D) Nehru Floating Post Office

84. Which word in the passage means – 'very attractive', especially in a charming way?

(A) Heritage

(B) Fasten

(C) Unique

(D) Picturesque

85. The special feature of the 'Floating Post Office' is ________.

(A) the big carved houseboat and its beauty

(B) the design of the picturesque of Dal Lake and Srinagar

(C) the design of snow capped mountains on the walls

(D) the attractive design of local handicrafts

**Read the passage carefully and answer the following questions (from 86 to 90) choosing the suitable alternatives :**

The Nobel Prize is an international award administered by the Nobel Foundation and is based on the fortune of Alfred Nobel, a Swedish inventor and entrepreneur. The Nobel Prize is awarded for the best contribution in the fields of Physics, Chemistry, Medicine, Literature and to the person who has contributed by and large to bring peace on Earth. In 1968, Sweden's Central Bank established the Sveriges Riksbank's Prize in Economic Sciences in memory of Alfred Nobel.

Except for the Peace Prize, the Nobel Prizes are presented in Stockholm, Sweden, at the Annual Prize Award Ceremony on 10th December, the anniversary of Nobel's death. The recipients' lectures are normally held in the days prior to the award ceremony. The Peace Prize and its recipients' lectures are presented at the Annual Prize Award Ceremony in Oslo, Norway, usually on 10th December every year.

86. The 'Nobel Prize' has been named after ________.

(A) The Nobel Foundation

(B) a group of Swedish scientists

(C) Alfred Nobel

(D) Sveriges Riksbank

87. The 'Nobel Prize' is not awarded for any contribution in the field of ________.

(A) Physics

(B) Chemistry

(C) Medicine

(D) Mathematics

88. Where is the 'Nobel Prize' for Peace awarded every year ?

(A) Stockholm of Sweden

(B) New York

(C) Oslo of Norway

(D) Paris

89. The Annual 'Nobel Prize' Ceremony is celebrated on Alfred Nobel's ________.

(A) birthday

(B) marriage-day

(C) death-day

(D) any day

90. Which of the following is the antonym of the word, 'recipient' ?

(A) receiver

(B) awardee

(C) donee

(D) donor

## ଗଣିତ
## MATHEMATICS

୯୧. ଗୋଟିଏ ଆୟତକ୍ଷେତ୍ରର ଦୈର୍ଘ୍ୟ ଓ ପ୍ରସ୍ଥ ଉଭୟକୁ 2 ଗୁଣ କରିଦେଲେ, ଏହାର କ୍ଷେତ୍ରଫଳ ମୂଳ ଆୟତକ୍ଷେତ୍ରର କ୍ଷେତ୍ରଫଳ କେତେ ଗୁଣ ହେବ ?

(A) ସମାନ ରହିବ

(B) 2 ଗୁଣ ହେବ

(C) 4 ଗୁଣ ହେବ

(D) 8 ଗୁଣ ହେବ

୯୨. ଗୋଟିଏ ନିଦା ଗୋଲକକୁ ତରଳାଇ ସେଥିରୁ 8ଟି କ୍ଷୁଦ୍ର ନିଦା ଗୋଲକ ପ୍ରସ୍ତୁତ କରାଗଲା, ତେବେ ପ୍ରତ୍ୟେକ କ୍ଷୁଦ୍ର ଗୋଲକର ବ୍ୟାସାର୍ଦ୍ଧ କେତେ ହେବ ?

(A) ମୂଳ ଗୋଲକର ବ୍ୟାସାର୍ଦ୍ଧର ଅର୍ଦ୍ଧେକ ହେବ

(B) ମୂଳ ଗୋଲକର ବ୍ୟାସାର୍ଦ୍ଧର $\frac{1}{4}$ ଅଂଶ ହେବ

(C) ମୂଳ ଗୋଲକର ବ୍ୟାସାର୍ଦ୍ଧର $\frac{1}{3}$ ଅଂଶ ହେବ

(D) ମୂଳ ଗୋଲକର ବ୍ୟାସାର୍ଦ୍ଧର $\frac{1}{8}$ ଅଂଶ ହେବ

91. If the length and breadth of a Rectangle are both doubled, how many times will its area be when compared to the original area ?

(A) Same

(B) 2 times

(C) 4 times

(D) 8 times

92. A solid sphere is melted and recasted into 8 equal smaller spheres. What will be the radius of each smaller sphere ?


(A) Half of the radius of original sphere

(B) $\frac{1}{4}$ of the radius of original sphere

(C) $\frac{1}{3}$ of the radius of original sphere

(D) $\frac{1}{8}$ of the radius of original sphere

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK



93. 2 ସେ. ମି. ବାହୁ ବିଶିଷ୍ଟ ତିନୋଟି ଘନଘନକୁ ଗୋଟିଏ ଉପରେ ଗୋଟିଏ ରଖି ଏକ ନୂତନ ଆୟତଘନ ପ୍ରସ୍ତୁତ କରାଗଲା, ତେବେ ନୂତନ ଆୟତଘନର ଘନଫଳ କେତେ ହେବ ?


(A) 8 ଘନ ସେ.ମି.

(B) 16 ଘନ ସେ.ମି.

(C) 24 ଘନ ସେ.ମି.

(D) 32 ଘନ ସେ.ମି.

94. ଦତ୍ତ ଚିତ୍ରରେ $\overleftrightarrow{AB} \parallel \overleftrightarrow{CD}$, MT = MO, $m\angle RTD = 48^\circ$ । $m\angle PNB = 3x$ ହେଲେ, x ର ମୂଲ୍ୟ କେତେ ହେବ ?




(A) 16°

(B) 24°

(C) 32°

(D) 36°

93. Three identical solid cubes side 2 cm each are placed one over another to form a cuboid. What is the volume of the resulting cuboid ?


(A) 8 $cm^3$

(B) 16 $cm^3$

(C) 24 $cm^3$

(D) 32 $cm^3$

94. In the given figure $\overleftrightarrow{AB} \parallel \overleftrightarrow{CD}$, MT = MO, $m\angle RTD = 48^\circ$, $m\angle PNB = 3x$ then what is the value of x ?




(A) 16°


(B) 24°

(C) 32°

(D) 36°

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

95. ଦତ୍ତ ଚିତ୍ରରେ O ବୃତ୍ତର କେନ୍ଦ୍ର ଅଟେ । $m\widehat{ABC} = 130^\circ$ ହେଲେ $m\angle ABC$ ପରିମାପ ନିର୍ଣ୍ଣୟ କର ।





(A) $130^\circ$

(B) $115^\circ$

(C) $65^\circ$

(D) $125^\circ$

96. ଦତ୍ତ ଚିତ୍ରରେ $m\angle BCF = 110^\circ$, $m\angle MBP = x^\circ$ ଏବଂ $m\angle BAE = 2x^\circ$ ହେଲେ, $\angle ABC$ ର ପରିମାଣ କେତେ ହେବ ?





(A) $35^\circ$

(B) $55^\circ$

(C) $70^\circ$

(D) $105^\circ$

95. In the given circle O is the center. $m\widehat{ABC} = 130^\circ$ then, what is the value of $m\angle ABC$?





(A) $130^\circ$

(B) $115^\circ$

(C) $65^\circ$

(D) $125^\circ$

96. In the given figure if $m\angle BCF = 110^\circ$, $m\angle MBP = x^\circ$ and $m\angle BAE = 2x^\circ$, then find the value of $\angle ABC$ :




(A) $35^\circ$


(B) $55^\circ$

(C) $70^\circ$

(D) $105^\circ$

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

97. ଆୟତଚିତ୍ରର ବାହୁମାନଙ୍କର ମଧ୍ୟବିନ୍ଦୁଗୁଡ଼ିକୁ ପର୍ଯ୍ୟାୟକ୍ରମେ ଯୋଗକଲେ ଉତ୍ପନ୍ନ ଚତୁର୍ଭୁଜଟିର ନିମ୍ନଲିଖିତ ମଧ୍ୟରୁ କେଉଁ ଧର୍ମଟି ଥାଏ ?



(A) ପ୍ରତ୍ୟେକ ବାହୁର ଦୈର୍ଘ୍ୟ ସମାନ

(B) ପ୍ରତ୍ୟେକ କୋଣର ପରିମାଣ $90^\circ$

(C) କର୍ଣ୍ଣଦ୍ୱୟର ଦୈର୍ଘ୍ୟ ସମାନ

(D) କର୍ଣ୍ଣଦ୍ୱୟର ଦୈର୍ଘ୍ୟ ସମାନ ଓ ପରସ୍ପର ପ୍ରତି ଲମ୍ବ

98. ତ୍ରିଭୁଜ ABC ରେ $m\angle A = 54^\circ$, $m\angle B = 62^\circ$, $m\angle C = 64^\circ$ ଅଟେ । ତ୍ରିଭୁଜଟିର ବାହୁଗୁଡ଼ିକର ଦୈର୍ଘ୍ୟକୁ ଊର୍ଦ୍ଧ୍ୱକ୍ରମରେ ସଜାଇ ଲେଖିଲେ ନିମ୍ନଲିଖିତ ମଧ୍ୟରୁ କେଉଁଟି ଠିକ୍ ହେବ ?

(A) AB, BC, AC

(B) AC, BC, AB

(C) BC, AC, AB

(D) AB, AC, BC

97. If the midpoints of the sides of a Rectangle are joined in order, which of the following properties does the quadrilateral fomed possess ?

(A) All sides are equal

(B) All angles are $90^\circ$

(C) Diagonals are equal

(D) Diagonals are equal and perpendicular to each other

98. In $\Delta$ ABC $m\angle A = 54^\circ$, $m\angle B = 62^\circ$, $m\angle C = 64^\circ$. If the length of the sides of the triangle are arranged in ascending order, then which of the following is true ?


(A) AB, BC, AC

(B) AC, BC, AB


(C) BC, AC, AB

(D) AB, AC, BC

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK



୯୯. ଗୋଟିଏ ବିଦ୍ୟାଳୟର VII ରୁ X ଶ୍ରେଣୀ ପର୍ଯ୍ୟନ୍ତ ମୋଟ ଛାତ୍ରଛାତ୍ରୀ ସଂଖ୍ୟା 1080 କୁ ବୃତ୍ତଲେଖରେ ଦର୍ଶାଯାଇଛି । ତେବେ ଉକ୍ତ ବିଦ୍ୟାଳୟରେ IX ଓ X ଶ୍ରେଣୀରେ ମୋଟ କେତେ ଛାତ୍ରଛାତ୍ରୀ ଅଛନ୍ତି ?




(A) 225

(B) 405

(C) 495

(D) 585

100. ଗଣିତ ଶିକ୍ଷାଦାନରେ କେଉଁ ପଦ୍ଧତି ଅଜ୍ଞାତରୁ ଜ୍ଞାତ ଆଡ଼କୁ ଅଗ୍ରସର ହୋଇଥାଏ ?


(A) ଆରୋହ

(B) ଅବରୋହ

(C) ସଂଶ୍ଲେଷଣ

(D) ବିଶ୍ଲେଷଣ

99. In a school the total number of students from class VII to X is 1080, as shown in pie graph. How many students are there in total in class IX and X.




(A) 225

(B) 405

(C) 495

(D) 585

100. In Mathematics teaching, which method progresses from unknown to known ?

(A) Inductive

(B) Deductive

(C) Synthetic

(D) Analytic

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

101. ଗୋଟିଏ ବିଦ୍ୟାର୍ଥୀ ପ୍ରକୃତ ଓ ଅପ୍ରକୃତ ଭଗ୍ନାଂଶ ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇପାରୁଛି । ତେବେ ଏହାଦ୍ୱାରା ଗଣିତ ଶିକ୍ଷାଦାନର କେଉଁ ଉଦ୍ଦେଶ୍ୟଟି ସାଧିତ ହୋଇପାରୁଛି ?

(A) ଜ୍ଞାନାତ୍ମକ

(B) ଭାବାତ୍ମକ

(C) ମନୋକ୍ରିୟାତ୍ମକ

(D) ଉଭୟ ଭାବାତ୍ମକ ଓ ମନୋକ୍ରିୟାତ୍ମକ

102. କେଉଁ ଗଣିତଜ୍ଞଙ୍କ ଭାଷାରେ "ଅମୂର୍ତ୍ତତା ହେଉଛି ଗଣିତର ବଳ, କିନ୍ତୁ ଏହା ଉପଯୋଗୀ ହେବ ଯଦି ଏହା ଅଧିକ ସଂଖ୍ୟକ ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ଅନ୍ତର୍ଭୁକ୍ତ କରେ" ?

(A) ଏଲ୍. ବେରସ (L. Bers)

(B) ଜର୍ଜ ପୋଲିଏ (George Polya)

(C) ଜାଁ ପିଆଜେ (Jean Piaget)

(D) ବ୍ରୁନର (Bruner)

101. If a student can show the difference between proper and improper fractions, then which objective of mathematics teaching is being fulfilled ?

(A) Cognitive

(B) Affective

(C) Psychomotor

(D) Both affective and psychomotor

102. Which mathematician said, "Abstraction is the soul of Mathematics, but it is useful only if it encompasses a greater number of specific situations" ?

(A) L. Bers

(B) George Polya

(C) Jean Piaget

(D) Bruner

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

Prepp
Your Personal Exams Guide



103. ତିନୋଟି ସଂଖ୍ୟା ଲେଖ, ଯେଉଁମାନଙ୍କର ଗ. ସା. ଗୁ 7 ଅଟେ । ଏହା କେଉଁ ପ୍ରକାରର ପ୍ରଶ୍ନ ଅଟେ ?

(A) ନିର୍ଦ୍ଦିଷ୍ଟ ଉତ୍ତର ମୂଳକ

(B) ମୁକ୍ତ ଉତ୍ତର ମୂଳକ

(C) ସମାପନ

(D) ମେଳକ

104. $\Delta ABC$ ରେ $m\angle BAC = 60^\circ$, $m\angle ABC = 70^\circ$ ହେଲେ, $\angle ACB$ ର ପରିମାଣ ନିର୍ଣ୍ଣୟ କଲାବେଳେ ଆମେ ସାଧାରଣତଃ କେଉଁ ପଦ୍ଧତି ବ୍ୟବହାର କରି କୋଣର ପରିମାଣଟି ନିର୍ଣ୍ଣୟ କରିଥାଉ ?

(A) ଆରୋହ

(B) ଅବରୋହ

(C) ସଂଶ୍ଳେଷଣ

(D) ବିଶ୍ଳେଷଣ

105. ନିମ୍ନଲିଖିତମାନଙ୍କ ମଧ୍ୟରୁ କେଉଁ ମନସ୍ତତ୍ତ୍ୱବିତ୍ ମୌଳିକ ସଂଗଠନବାଦର ଜଣେ ପ୍ରମୁଖ ପ୍ରବକ୍ତା ଅଟନ୍ତି ?

(A) ଡ. କିଲପାଟ୍ରିକ (Dr. Kilpatrik)

(B) ପୋସ୍ନର (Posner)

(C) ଲେଭ୍ ଭାଇଗୋଟ୍ସ୍କି (Lev Vigotsky)

(D) ଭନ୍ ଗ୍ଲାସରଫେଲ୍ଡ (Von Glaserfeld)

103. Write three numbers whose H. C. F is 7. What type of question is this ?

(A) Specific answer type

(B) Open-ended

(C) Concluding

(D) Matching type

104. In $\Delta ABC$ $m\angle BAC = 60^\circ$, $m\angle ABC = 70^\circ$, then generally which method we use to find the angle $\angle ACB$ ?

(A) Inductive

(B) Deductive

(C) Synthetic

(D) Analytic

105. Who among the followings is a prominent proponent of the radical constructivism ?

(A) Dr. Kilpatrik

(B) Posner

(C) Lev Vigotsky

(D) Von Glaserfeld

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

106. ଗଣିତ ଶିକ୍ଷଣ କାର୍ଯ୍ୟଟି କିପରି ହୋଇଥିଲେ ବିଦ୍ୟାର୍ଥୀର ଶିକ୍ଷାଗ୍ରହଣ ଆନନ୍ଦମୟୀ ହୋଇଥାଏ ?

(A) କାର୍ଯ୍ୟଟି କରି ବିଦ୍ୟାର୍ଥୀ ମାନସିକ ସନ୍ତୋଷ ଲାଭ କରେ

(B) କାର୍ଯ୍ୟଟିର ନୂତନତା ଓ ବିବିଧତା ନଥିଲେ

(C) କାର୍ଯ୍ୟଟି ବିଦ୍ୟାର୍ଥୀର ଶାରୀରିକ ଦକ୍ଷତା ଅନୁସାରେ ହୋଇଥିଲେ

(D) କାର୍ଯ୍ୟଟି ଅନୁଭୂତି ଆଧାରିତ ହୋଇ ନଥିଲେ

107. ପରିପୂରକ କୋଣକୁ ଉଦାହରଣ ମାଧ୍ୟମରେ ଦର୍ଶାଇଲାବେଳେ ଗଣିତ ଶିକ୍ଷାଦାନର କେଉଁ ଜ୍ଞାନାତ୍ମକ ଉଦ୍ଦେଶ୍ୟଟି ସାଧିତ ହେଉଛି ?

(A) ଜ୍ଞାନ

(B) ବୋଧ

(C) ପ୍ରୟୋଗ

(D) ଉଭୟ ବୋଧ ଓ ପ୍ରୟୋଗ

108. କେଉଁଟି ଗଣିତର ସ୍ୱରୂପ ସଂପର୍କିତ ନୁହେଁ ?

(A) ସଂରଚନା

(B) ନିର୍ଦ୍ଦିଷ୍ଟତା

(C) ବ୍ୟାପକ ଅଭିବ୍ୟକ୍ତି

(D) ଶୃଙ୍ଖଳା ଓ ନିର୍ଦ୍ଦିଷ୍ଟ କ୍ରମ

106. How should the Mathematics teaching process be so that the student's learning experience becomes enjoyable ?

(A) The student feels mentally satisfied when they complete the task

(B) If the task was devoid of novelty and variety

(C) If the task is according to the student's physical ability

(D) If the task is not experience-based

107. Which objective of mathematics teaching is achieved by illustrating supplementary angle with an example ?

(A) Knowledge

(B) Understanding

(C) Application

(D) Both Understanding and Application

108. Which one is not related to the nature of Mathematics ?

(A) Pattern

(B) Exactness

(C) Expanded expression

(D) Order and sequences

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

109. ବୌଦ୍ଧିକ ବିକାଶର କେଉଁ ପର୍ଯ୍ୟାୟରେ ପିଲାମାନେ ଗାଣିତିକ ଆଦାନପ୍ରଦାନର ଧାରା ସହ ପରିଚିତ ହୋଇଥାଆନ୍ତି ?


(A) ସମ୍ବେଦୀକାରକ

(B) ପ୍ରାକ୍ ସଂକାର୍ଯ୍ୟ

(C) ସ୍ଥୂଳ ସଂକାର୍ଯ୍ୟ

(D) ଯଥାଯଥ ସଂକାର୍ଯ୍ୟ

110. ଗୋଟିଏ ସମବାହୁ ତ୍ରିଭୁଜର ପ୍ରତିସମ ଅକ୍ଷ ସଂଖ୍ୟା କେତେ ?



(A) 1

(B) 2

(C) 3

(D) 0 (ଶୂନ)

111. 8, 14, 26, 50, ★ ଉକ୍ତ ଅନୁକ୍ରମରେ ★ ସ୍ଥାନରେ କେଉଁ ସଂଖ୍ୟା ରହିବ ?

(A) 96

(B) 98

(C) 100

(D) 102

109. At which period of cognitive development the children become familiar will the exchange of mathematical operations ?

(A) Sensory-motor

(B) Pre-operation

(C) Concrete operation

(D) Formal operation

110. How many lines of symmetry an equilateral triangle has ?

(A) 1

(B) 2

(C) 3

(D) 0 (Zero)

111. Which number will lie in place of ★ in the sequence : 8, 14, 26, 50, ★ ?

(A) 96

(B) 98

(C) 100

(D) 102

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

112. ସତ୍ୟମ ପ୍ରତ୍ୟେକ ଦିନ ସକାଳେ $\frac{2}{3}$ ଘଣ୍ଟା ଏବଂ ସନ୍ଧ୍ୟାରେ $\frac{3}{4}$ ଘଣ୍ଟା ପଢ଼େ । ତେବେ ସେ ଦିନକୁ ମୋଟ କେତେ ସମୟ ପଢ଼େ ?

(A) 1 ଘଣ୍ଟା 10 ମିନିଟ୍

(B) 1 ଘଣ୍ଟା 15 ମିନିଟ୍

(C) 1 ଘଣ୍ଟା 20 ମିନିଟ୍

(D) 1 ଘଣ୍ଟା 25 ମିନିଟ୍

113. ଗୋଟିଏ ସଂଖ୍ୟାକୁ 50% ବୃଦ୍ଧିକଲେ ତାହା 135 ହୁଏ, ତେବେ ଉକ୍ତ ସଂଖ୍ୟାଟିର 20% କେତେ ଅଟେ ?

(A) 15

(B) 18

(C) 24

(D) 30

112. Satyam studies $\frac{2}{3}$ hour in the morning and $\frac{3}{4}$ hour in the evening every day. Then what is his total study time every day ?

(A) 1 hour 10 min.

(B) 1 hour 15 min.

(C) 1 hour 20 min.

(D) 1 hour 25 min.

113. A number becomes 135 after 50% increase. What is the 20% of that original number ?

(A) 15

(B) 18

(C) 24

(D) 30

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

114. କେଉଁ କ୍ଷୁଦ୍ରତମ ଗଣନ ସଂଖ୍ୟାଟି 7, 9 ଏବଂ 11 ଦ୍ୱାରା ବିଭାଜିତ ହେଲେ, ଭାଗଶେଷ ଯଥାକ୍ରମେ 1, 3, ଏବଂ 5 ରହିବ ?

(A) 639

(B) 693

(C) 692

(D) 687

115. କେଉଁ ଚତୁର୍ଭୁଜର କର୍ଣ୍ଣଦ୍ୱୟ ପରସ୍ପରକୁ ସମକୋଣରେ ସମଦ୍ୱିଖଣ୍ଡ କରନ୍ତି ?

(A) ରମ୍ବସ୍

(B) ଆୟତ ଚିତ୍ର

(C) ସାମାନ୍ତରିକ ଚିତ୍ର

(D) ଟ୍ରାପିଜିୟମ୍

116. ନିମ୍ନଲିଖିତ ମଧ୍ୟରୁ କେଉଁ ସଂଖ୍ୟାର 0.8 , 0.00004 ସହ ସମାନ ଅଟେ ?

(A) 0.005

(B) 0.0005

(C) 0.00005

(D) 0.000005

114. What is the smallest natural number which divided by 7, 9 and 11 leaves remainder 1, 3 and 5 respectively ?

(A) 639

(B) 693

(C) 692

(D) 687

115. The two diagonals of which quadrilateral bisect each other at right angles ?

(A) Rhombus

(B) Rectangle

(C) Parallelogram

(D) Trapezium

116. 0.8 of which number is equal to 0.00004 ?

(A) 0.005

(B) 0.0005

(C) 0.00005

(D) 0.000005

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

117. ଗୋଟିଏ ସହରର ଜନସଂଖ୍ୟା 40,000 ଅଟେ । ପ୍ରତିବର୍ଷ ଉକ୍ତ ସହରର ଜନସଂଖ୍ୟା 8% ବୃଦ୍ଧିପାଉଥିଲେ, 2 ବର୍ଷ ପରେ ଉକ୍ତ ସହରର ଜନସଂଖ୍ୟା କେତେ ହେବ ?

(A) 43,200

(B) 46,406

(C) 46,440

(D) 46,656

118. '2' ର ଗୁଣନାତ୍ମକ ବିଲୋମୀ, 3 ର ଗୁଣନାତ୍ମକ ବିଲୋମୀ ଠାରୁ କେତେ ଅଧିକ ବା କମ୍ ?

(A) $\frac{1}{6}$ କମ୍

(B) $\frac{1}{6}$ ଅଧିକ

(C) ସଂଖ୍ୟା ଦୁଇଟିର ଗୁଣାତ୍ମକ ବିଲୋମୀ ସମାନ

(D) ଗୁଣାତ୍ମକ ବିଲୋମୀକୁ ତୁଳନା କରାଯାଇପାରିବ ନାହିଁ

117. The population of a city is 40,000. It increases by 8% annually. Find the population after 2 years ?

(A) 43,200

(B) 46,406

(C) 46,440

(D) 46,656

118. Multiplicative inverse of '2' is how much more or less than multiplicative inverse of 3 ?

(A) $\frac{1}{6}$ less

(B) $\frac{1}{6}$ more

(C) Multiplicative inverse of both the numbers are same

(D) Multiplicative inverse can't be compared

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

119. ଗୋଟିଏ କାର୍ 50 ସେକେଣ୍ଡରେ 500 ମିଟର ଦୂରତା ଅତିକ୍ରମ କରେ। ତେବେ କାରଟିର ଘଣ୍ଟାପ୍ରତି ବେଗ କେତେ ?

(A) 12 କି.ମି./ଘ.

(B) 18 କି.ମି./ଘ.

(C) 24 କି.ମି./ଘ.

(D) 36 କି.ମି./ଘ.

119. A motor car takes 50 seconds to travel 500 meters. What is its speed in km/h ?

(A) 12 km/h

(B) 18 km/h

(C) 24 km/h

(D) 36 km/h

120. ଗୋଟିଏ ଆୟତକ୍ଷେତ୍ରର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ 5 ମିଟର ଓ 1 ମିଟର । ଗୋଟିଏ ବର୍ଗକ୍ଷେତ୍ରର କର୍ଣ୍ଣର ଦୈର୍ଘ୍ୟ $2\sqrt{2}$ ମିଟର, ତେବେ ନିମ୍ନଲିଖିତ ମଧ୍ୟରୁ କେଉଁଟି ସତ୍ୟ ?

(A) ଆୟତକ୍ଷେତ୍ରଟିର କ୍ଷେତ୍ରଫଳ ବର୍ଗକ୍ଷେତ୍ରର କ୍ଷେତ୍ରଫଳ ଠାରୁ 1 ବର୍ଗ ମି. ଅଧିକ ।

(B) ଆୟତକ୍ଷେତ୍ରଟିର କ୍ଷେତ୍ରଫଳ ବର୍ଗକ୍ଷେତ୍ରର କ୍ଷେତ୍ରଫଳ ଠାରୁ 4 ବର୍ଗ ମି. ଅଧିକ ।

(C) ବର୍ଗକ୍ଷେତ୍ରଟିର କ୍ଷେତ୍ରଫଳ ଆୟତକ୍ଷେତ୍ରର କ୍ଷେତ୍ରଫଳ ଠାରୁ 1 ବର୍ଗ ମି ଅଧିକ ।

(D) ବର୍ଗକ୍ଷେତ୍ରଟିର କ୍ଷେତ୍ରଫଳ ଆୟତକ୍ଷେତ୍ରର କ୍ଷେତ୍ରଫଳ ଠାରୁ 4 ବର୍ଗ ମି ଅଧିକ ।

120. Length and breadth of a Rectangle is 5 metre and 1metre respectively. The length of the diagonal of a square is $2\sqrt{2}$ metre. Then which of the following is correct ?

(A) Area of the Rectangle is 1 sq m. more than the area of the square.

(B) Area of the Rectangle is 4 sq m. more than the area of the square.

(C) Area of the Square is 1 sq m. more than the area of the Rectangle.

(D) Area of the Square is 4 sq m. more than the area of the Rectangle.

ରଫ୍ କାମପାଇଁ ସ୍ଥାନ / SPACE FOR ROUGH WORK

Prepp
Your Personal Exams Guide



## ପରିବେଶ ବିଜ୍ଞାନ
## ENVIRONMENTAL SCIENCE

121. ଦୂଷିତ ପାଣି ମାଧ୍ୟମରେ କେଉଁ ରୋଗ ବ୍ୟାପିଥାଏ ?

(A) ମେଲେରିଆ

(B) କଲେରା

(C) ଯକ୍ଷ୍ମା

(D) ଶ୍ୱାସରୋଗ

122. କ୍ୱାସିଓର୍କର କେଉଁ ଖାଦ୍ୟସାରର ଅଭାବରୁ ହୁଏ ?

(A) ଜିବସାର

(B) ପୁଷ୍ଟିସାର

(C) ସ୍ନେହସାର

(D) ଖଣିଜ ସାର

123. ଶକ୍ତି ଓ ଶରୀର ଗଠନ ପାଇଁ କେଉଁ ଖାଦ୍ୟ ପୋଷକ ଦେଇଥାଏ ?

(A) ଚାଉଳ + ଡାଲି

(B) ଚାଉଳ + ତେଲ

(C) କେବଳ ଫଳ

(D) କେବଳ ପରିବା ତରକାରି

124. ରକ୍ତରୁ ୟୁରିଆ କେଉଁ ଅଙ୍ଗ ଅପସାରଣ କରେ ?

(A) ବୃକ୍କ

(B) ଯକୃତ

(C) ଫୁସ୍‌ଫୁସ୍

(D) ପାକସ୍ଥଳି

121. Which disease spreads mainly through polluted water ?

(A) Malaria

(B) Cholera

(C) Tuberculosis

(D) Asthma

122. Kwashiorkor mainly occurs due to lack of :

(A) Vitamins

(B) Proteins

(C) Fats

(D) Minerals

123. Which food gives energy and body-building nutrients ?

(A) Rice + Pulses

(B) Rice + Oil

(C) Fruits only

(D) Vegetables only

124. Which Organ removes urea from blood ?

(A) Kidney

(B) Liver

(C) Lung

(D) Stomach

Prepp
Your Personal Exams Guide



125. ଅମ୍ଳଜାନ ଯୋଗାଣ ପାଇଁ କେଉଁ ପ୍ରଣାଳୀ ରକ୍ତ ସଞ୍ଚାଳନ ପ୍ରଣାଳୀ ସହ କାମ କରେ ?

(A) ପାଚନ

(B) ରେଚନ

(C) ଶ୍ୱାସକ୍ରିୟା

(D) ସ୍ନାୟୁ

126. ଜଳ ଶୋଷଣରେ ପ୍ରଧାନତଃ ଗଛର କେଉଁ ଅଂଶ ସହାୟତା କରେ ?

(A) କାଣ୍ଡ

(B) ପତ୍ର

(C) ମୂଳ

(D) ଫୁଲ

127. ଲୁହାକୁ ଏଲୁମିନିୟମ ଠାରୁ ପୃଥକ କରିବାରେ କେଉଁ ଗୁଣ ସହାୟକ ଅଟେ ?

(A) ଆକୃତି

(B) ତନ୍ୟତା

(C) ଆୟତନ

(D) ଚୁମ୍ବକୀୟ ଗୁଣ

125. Which system works together with the circulatory system to supply oxygen ?

(A) Digestive

(B) Excretory

(C) Respiratory

(D) Nervous

126. Which plant part mianly helps in water absorption ?

(A) Stem

(B) Leaf

(C) Root

(D) Flower

127. Which property helps to distinguish iron from alumunium ?

(A) Shape

(B) Ductile

(C) Volume

(D) Mangnetic property

128. ପଦାର୍ଥର କେଉଁ ଗୁଣ ସର୍ବଦା ଅପରିବର୍ତ୍ତିତ ?

(A) ଆକୃତି

(B) ଆୟତନ

(C) ବସ୍ତୁତ୍ୱ

(D) ଆକାର

129. ପୃଥିବୀରେ ଋତୁ ପରିବର୍ତ୍ତନର କାରଣ ହେଉଛି :

(A) ଆବର୍ତ୍ତନ

(B) ପରିକ୍ରମଣ

(C) ପୃଥିବୀର ସୂର୍ଯ୍ୟଠାରୁ ଦୂରତା

(D) ପୃଥିବୀର ଆକୃତି

130. ଭାରତରେ କେଉଁ ମାସର ପ୍ରଥମ ସପ୍ତାହରେ 'ବନମହୋତ୍ସବ' ପାଳନ କରାଯାଏ ?

(A) ଜୁଲାଇ

(B) ଜୁନ୍

(C) ଅଗଷ୍ଟ

(D) ସେପ୍ଟେମ୍ବର

131. ପରିବେଶ ଅଧ୍ୟୟନରେ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ସମନ୍ୱୟର ଉଦ୍ଦେଶ୍ୟ :

(A) ଜ୍ଞାନାତ୍ମକ କ୍ଷେତ୍ରକୁ ଗୁରୁତ୍ୱ ଦେବା

(B) ମାନବ ଓ ପରିବେଶ ମଧ୍ୟରେ ଥିବା ସଂପର୍କକୁ ସାମଗ୍ରିକ ଭାବେ ବୁଝିବା

(C) ତଥ୍ୟଗୁଡ଼ିକୁ ପୃଥକ ଭାବେ ଅଧ୍ୟୟନ କରିବା

(D) କେବଳ କୌଶଳ ବିକାଶ

128. Which property of matter always remains constant ?

(A) Shape

(B) Volume

(C) Mass

(D) Size

129. Why do we see seasons on Earth ?

(A) Rotation of Earth

(B) Revolution

(C) Distance of earth from the Sun

(D) Shape of Earth

130. In the first week of which month, Van-Mahotsav is celebrated in India ?

(A) July

(B) June

(C) August

(D) September

131. Objective of Integration of Science and Social Science in Environmental Studies is :

(A) Focuses on congntive domain

(B) Holistic understanding of human environment relationship

(C) Isolated study of facts

(D) Skill development only

Prep
Your Personal Exam



132. କେଉଁଟି ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଶିକ୍ଷଣର ଲକ୍ଷ୍ୟ ନୁହେଁ ?

(A) ପରିବେଶର ଗୁରୁତ୍ୱ ପ୍ରତି ସଚେତନ ହେବା

(B) ପରିବେଶ ସନ୍ତୁଳନର ଉପାୟ ଜାଣିବା

(C) ପ୍ରାକୃତିକ ସମ୍ବଳର ବହୁଳ ବ୍ୟବହାର

(D) ମୂଲ୍ୟବୋଧ ଭିତ୍ତିକ ଜୀବନ ଶୈଳୀର କୌଶଳ ଶିଖିବା

133. ପରିବେଶ ଅଧ୍ୟୟନର କେଉଁ ଉଦ୍ଦେଶ୍ୟ ଶ୍ରେଣୀଗୃହ ଶିକ୍ଷଣକୁ ବାସ୍ତବ ଜୀବନ ସହିତ ଯୋଡ଼ିଥାଏ ?

(A) ସିଦ୍ଧାନ୍ତମୂଳକ ଜ୍ଞାନ

(B) ଘୋଷା ଶିକ୍ଷଣ

(C) ଅନୁଭୂତିମୂଳକ ଶିକ୍ଷା

(D) ପରୀକ୍ଷାମୁଖୀ ଶିକ୍ଷା

134. ''ପରିବେଶରେ ପରସ୍ପର ନିର୍ଭରଶୀଳତା'' ଧାରଣାକୁ ସର୍ବୋତ୍ତମ ଭାବରେ କିପରି ଶିଖାଯାଇପାରେ ?

(A) କ୍ଷେତ୍ରଭ୍ରମଣ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ

(B) ସଂଜ୍ଞାଗୁଡ଼ିକୁ ଶ୍ରୁତଲିଖନ ମାଧ୍ୟମରେ

(C) ପାଠ୍ୟ ବିଷୟବସ୍ତୁ ପଠନ ମାଧ୍ୟମରେ

(D) କେବଳ କାହାଣୀ କହିବା ମାଧ୍ୟମରେ

132. Which of the following is not the aim of teaching Environmental Studies at Primary level ?

(A) To aware about the importance of environment

(B) To know the ways of ecological balance

(C) Excessive use of natural resources

(D) Learning life skills based on moral values

133. Which objective of Environmental Studies helps children connect classroom learning with real life ?

(A) Theoretical knowledge

(B) Rote learning

(C) Experintial learning

(D) Examination oriented learning

134. The concept of "Interdependence in environment" is best taught through :

(A) Field visit and observation

(B) Dictation of definition

(C) Reading text book

(D) Story telling only

Prepp
Your Personal Exams Guide



135. ପରିବେଶ ଅଧ୍ୟୟନରେ କେଉଁ ମୂଲ୍ୟାୟନ ସାଧନା କିଣେ ଶିଶୁର ଅଗ୍ରଗତିକୁ ସମୟକ୍ରମେ ଅନୁସରଣ କରିବାରେ ସାହାଯ୍ୟ କରେ ?

(A) ବାର୍ଷିକ ପରୀକ୍ଷା

(B) ବହୁବିକଳ୍ପ ପରୀକ୍ଷା

(C) ମୌଖିକ ପରୀକ୍ଷା

(D) ପୋର୍ଟଫୋଲିଓ

136. ପରିବେଶ ଅଧ୍ୟୟନରେ ନିଦାନାତ୍ମକ ମୂଲ୍ୟାୟନର ପ୍ରଧାନ ଉଦ୍ଦେଶ୍ୟ ହେଉଛି :

(A) ଛାତ୍ରଛାତ୍ରୀମାନଙ୍କର ଶ୍ରେଣୀକ୍ରମ ନିର୍ଦ୍ଧାରଣ

(B) ଶିକ୍ଷାର୍ଥୀର ଶିକ୍ଷଣ ବ୍ୟବଧାନ ଓ ଭ୍ରାନ୍ତଧାରଣା ଚିହ୍ନଟ

(C) ସମାପ୍ତି ସୂଚକ ପରୀକ୍ଷା ଦେବା

(D) ମାର୍କ ଓ ପ୍ରମାଣପତ୍ର ଦେବା

137. ପରିବେଶ ଅଧ୍ୟୟନ କାର୍ଯ୍ୟକଳାପରେ ମନୋଭାବ ଓ ଅଂଶଗ୍ରହଣର ଆକଳନ ପାଇଁ ସର୍ବୋତ୍ତମ ସାଧନଟି କ'ଣ ?

(A) ଚେକ୍‌ଲିଷ୍ଟ

(B) ମୌଖିକ ପରୀକ୍ଷା

(C) ରୁବ୍ରିକ୍

(D) କୁଇଜ୍

135. Which assessment tool helps to track child's progress over time in EVS ?

(A) Annual Examination

(B) Multiple choice test

(C) Oral test

(D) Portfolio

136. The main purpose of diagnostic assessement in Environmental Studies is to :

(A) Rank students in the class

(B) Identify student's learning gaps and misconception

(C) Conduct final examination

(D) Award grades and certificates

137. The best tool for assessing attitude and participation in activities of Environmental Studies is :

(A) Checklist

(B) Oral test

(C) Rubric

(D) Quiz

138. ପରିବେଶ ଅଧ୍ୟୟନରେ ଆଲୋଚନା ପଦ୍ଧତିର ଗୁରୁତ୍ୱ କ'ଣ ?

(A) ସଂଜ୍ଞା ମନେରଖିବା

(B) ମତାମତ ଓ ଧାରଣା ବିନିମୟ

(C) ଦୀର୍ଘ ଉତ୍ତର ଲେଖିବା

(D) ନିରବ ଶିକ୍ଷଣ

139. ପରିବେଶ ଅଧ୍ୟୟନରେ ପ୍ରକଳ୍ପ ପଦ୍ଧତି କେଉଁ ସିଦ୍ଧାନ୍ତ ଉପରେ ଆଧାରିତ ?

(A) ମନେରଖି ଶିଖିବା

(B) ଶୁଣି ଶିଖିବା

(C) କାମ କରି ଶିଖିବା

(D) ପଢ଼ି ଶିଖିବା

140. ପରିବେଶ ପାଠଦାନ ପ୍ରଣାଳୀର ସାମଗ୍ରିକ ଉଦ୍ଦେଶ୍ୟ କ'ଣ ?

(A) ପରୀକ୍ଷା କୌଶଳ

(B) କେବଳ ମନେରଖିବା

(C) କେବଳ ଲିଖନ କୌଶଳ

(D) ପରିବେଶ ସଚେତନତା ଓ ଦାୟିତ୍ୱ

138. Discussion method in Environmental Studies is important for :

(A) Memorising definition

(B) Sharing ideas and viewpoints

(C) Writing long answers

(D) Silent learning

139. Project method in Environmental Studies is based on the principle of :

(A) Learning by memorization

(B) Learning by listening

(C) Learning by doing

(D) Learning by reading

140. The overall aim of EVS teaching method is to develop :

(A) Examination skills

(B) Memorisation only

(C) Writing skills only

(D) Environmental awareness and responsibility

(Continued)

141. ସ୍ଥାନୀୟ ସ୍ୱାୟତ୍ତ ଶାସନ କାହିଁକି ଆବଶ୍ୟକ ?

(A) ଦେଶ ଶାସନ ପାଇଁ

(B) ସ୍ଥାନୀୟ ଆବଶ୍ୟକତା ପାଇଁ

(C) ଅଦାଲତ ନିୟନ୍ତ୍ରଣ ପାଇଁ

(D) ଜାତୀୟ ଆଇନ ପାଇଁ

142. ଶିଶୁ ଶ୍ରମ ମାମଲା ରିପୋର୍ଟ ହେଲେ କିଏ ନ୍ୟାୟ ନିଶ୍ଚିତ କରେ ?

(A) ପଞ୍ଚାୟତ

(B) କେବଳ ପୋଲିସ୍

(C) ଅଦାଲତ

(D) ବିଦ୍ୟାଳୟ

143. ଅଦାଲତକୁ ରାଜନୈତିକ ଚାପରୁ କାହିଁକି ମୁକ୍ତ ରହିବା ଉଚିତ ?

(A) ଶିଘ୍ର ଆଇନ୍ ତିଆରି ପାଇଁ

(B) ନ୍ୟାୟ ରକ୍ଷା ପାଇଁ

(C) ନିର୍ବାଚନ ନିୟନ୍ତ୍ରଣ ପାଇଁ

(D) ମନ୍ତ୍ରୀଙ୍କୁ ସହଯୋଗ ପାଇଁ

144. କେଉଁ ପ୍ରାକୃତିକ ସମ୍ବଳ ପୁନଃନବୀକରଣ ଯୋଗ୍ୟ ହେଲେ ମଧ୍ୟ ଅପବ୍ୟବହାରରେ ଶେଷ ହୋଇପାରେ ?

(A) କୋଇଲା

(B) ପେଟ୍ରୋଲିୟମ

(C) ଜଙ୍ଗଲ

(D) ଖଣିଜ

141. Why do we need local self government ?

(A) To rule the country

(B) To manage local needs

(C) To control courts

(D) To make national laws

142. A child labour case is reported which institution ensures Justice ?

(A) Panchayat

(B) Only Police

(C) Court

(D) School

143. Why should courts remain free from political pressure ?

(A) To make faster laws

(B) To protect justice

(C) To control elections

(D) To help ministers

144. Which natural resource is renewable but exhaustible if misused ?

(A) Coal

(B) Petroleum

(C) Forest

(D) Minerals

145. କର୍କଟକ୍ରାନ୍ତି ନିମ୍ନୋକ୍ତ କେଉଁ ରାଜ୍ୟ ଉପର ଦେଇ ଯାଇ ନାହିଁ ?

(A) ଓଡ଼ିଶା

(B) ରାଜସ୍ଥାନ

(C) ଛତିଶଗଡ଼

(D) ତ୍ରିପୁରା

146. ଆସନ୍ତା ଗ୍ରୀଷ୍ମାବକାଶରେ ତୁମେ ଯଦି ପୋର୍ଟ-ବ୍ଲେୟାର ଯିବାକୁ ଚାହଁ ତେବେ ନିମ୍ନୋକ୍ତ ମଧ୍ୟରୁ କେଉଁ କେନ୍ଦ୍ର ଶାସିତ ଅଞ୍ଚଳକୁ ଯିବ ?

(A) ପୁଡୁଚେରୀ

(B) ଲାକ୍ଷାଦ୍ୱୀପ

(C) ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ

(D) ଡାମନ ଓ ଡିଉ

147. ଭାରତ ଛାଡ଼ ଆନ୍ଦୋଳନ ସମୟରେ ଗାନ୍ଧିଜୀଙ୍କର କେଉଁ ସ୍ଲୋଗାନ ଲୋକଙ୍କୁ ପ୍ରେରିତ କଲା ?

(A) ସ୍ୱରାଜ ମୋର ଜନ୍ମଗତ ଅଧିକାର

(B) କର କିମ୍ବା ମର

(C) ଇନ୍‌କିଲାବ୍ ଜିନ୍ଦାବାଦ

(D) ଜୟ ହିନ୍ଦ୍

148. ପାଇକ ବିଦ୍ରୋହକୁ ପ୍ରାରମ୍ଭିକ ସ୍ୱାଧୀନତା ସଂଗ୍ରାମ କୁହାଯିବାର କାରଣ କ'ଣ ?

(A) ବ୍ରିଟିଶ୍ ଅଧିକାରୀ ଏହାର ନେତୃତ୍ୱ ନେଇଥିଲେ

(B) ବ୍ରିଟିଶ୍ ଆର୍ଥିକ ନୀତିକୁ ଏହା ବିରୋଧ କରୁଥିଲା

(C) ଏହା ଆଧୁନିକ ଶିକ୍ଷା ଦାବି କଲା

(D) ଏହା ଉପନିବେଶ ଶାସନକୁ ସମର୍ଥନ କଲା

145. The Tropic of Cancer doesn't pass through :

(A) Odisha

(B) Rajasthan

(C) Chhattisgarh

(D) Tripura

146. If you Intend to visit Port Blair during your summer vacations, which one of the following Union Territories of India you will go ?

(A) Puducherry

(B) Lakshadweep

(C) Anadman and Nicobar Islands

(D) Daman and Diu

147. Which Slogan by Gandhi inspired people during Quit India Movement ?

(A) Swaraj is my birth right

(B) Do or Die

(C) Inquilab Zindabad

(D) Jai Hind

148. Why is the Paika Rebellion considered an early freedom struggle ?

(A) It was led by British officers

(B) It opposed British economic policies

(C) It demanded modern education

(D) It supported colonial rule

Prepp
Your Personal Exams Guide



149. ଲବଣ ସତ୍ୟାଗ୍ରହ କୌଶଳଗତ ଭାବେ ଶକ୍ତିଶାଳୀ ଥିବାର କାରଣ ହେଲା, ଏହା :

(A) ଦୈନନ୍ଦିନ ସମସ୍ୟା ମାଧ୍ୟମରେ ସମସ୍ତ ଶ୍ରେଣୀକୁ ଏକତ୍ର କଲା

(B) କେବଳ ସହରାୟ ଉଚ୍ଚବର୍ଗଙ୍କୁ ଆମନ୍ତ୍ରଣ କଲା

(C) ଲୁଣ ଆମଦାନୀ ସବୁଦିନ ପାଇଁ ବନ୍ଦ କଲା

(D) ବ୍ରିଟିଶ ସେନାକୁ ପ୍ରତିହତ କଲା

150. ଗାନ୍ଧିଜୀଙ୍କ ଆନ୍ଦୋଳନ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମକୁ କିପରି ପ୍ରଭାବିତ କରିଥିଲା ?

(A) ଅଂଶଗ୍ରହଣକୁ କେବଳ ନେତାମାନଙ୍କ ପର୍ଯ୍ୟନ୍ତ ସୀମିତ କଲା

(B) ସ୍ଥାନୀୟ ସମସ୍ୟାକୁ ଅଣଦେଖା କରିଥିଲା

(C) ଶସ୍ତ୍ର ବିଦ୍ରୋହକୁ ପ୍ରେରିତ କରିଥିଲା

(D) ଆଞ୍ଚଳିକ ପ୍ରତିବାଦକୁ ଜାତୀୟ ଲକ୍ଷ୍ୟ ସହ ଯୋଡ଼ିଲା

149. The Salt Satyagraha was strategically powerful because it :

(A) United all classes though an everyday issues

(B) Focused only on urban elites

(C) Ended salt imports permanently

(D) Targeted British military power

150. How did Gandhian movements influence freedom struggle in Odisha ?

(A) By limiting participation to leaders

(B) Ignored local issues

(C) By encouraging armed rebellion

(D) By linking regional protests to national goals